## ଦମ୍ପତିଙ୍କଠାରୁ ଲୁଟ୍

ମୋରଡ଼ା,(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମସର୍ଦା-ମାକୁନ୍ଦ ରାସ୍ତାରେ ଦୁର୍ବୃତ୍ତମାନେ ଏକ ଦମ୍ପତିଙ୍କଠାରୁ ବାଇକ୍, ମୋବାଇଲ ୫୩୦୦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୦୪/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ରାସଗୋବିନ୍ଦପୁର ଥାନା ଅଧୀନ ବଧି ଗ୍ରାମର ଲକ୍ଷ୍ମଣ ରାମ ତାଙ୍କ ସ୍ତ୍ରୀ ଏବଂ ପିଲା ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ମସର୍ଦା-ମାକୁନ୍ଦ ରାସ୍ତାରେ ୫ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଲୁଟପାଟ୍ କରିଥିଲେ।

## ସଂକ୍ଷେପରେ

### ସାର ବୁଣିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀ ମୃତ

ଜଳେଶ୍ୱର, ୨୬।୩(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ନାମ୍ପୋ ଫାଣ୍ଡି ବାଣିଦା ଗାଁର ଜଣେ ଚାଷୀ ବିଲକୁ ସାର ବୁଣିବାକୁ ଯାଉଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି।

ସୁଗୋ ପଞ୍ଚାୟତ ଅଧୀନ ବାଣିଦା ଗାଁର ଜୟନ୍ତ ମହାନ୍ତି (୬୯) ନିଜ ଘରଠାରୁ ଦୂରରେ ଥିବା ଜମିକୁ ସାର ବୁଣିବାକୁ ଯାଇଥିଲେ । ବାଟରେ ଥିବା ଏକ ସେଲୋକୁ ଯାଇଥିବା ବିଦ୍ୟୁତ୍ ଖୁଣ୍ଟର ଷ୍ଟେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଜୟନ୍ତ ତାହା ଜାଣି ନ ପାରି ତାକୁ ସ୍ପର୍ଶ କରିବା ମାତ୍ରେ ତାର ବାମ ହାତ ଜଳିଯାଇଥିଲା । କିଛି ସମୟ ପରେ ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେବା ପରେ ତାଙ୍କୁ ଜିକେଭଙ୍ଗର ହସ୍ପିଟାଲକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜୟନ୍ତ ଜଣେ ଗରିବ ଚାଷୀ ହୋଇଥିବାରୁ ଏବଂ ତାଙ୍କ ପରିବାରର ଅନ୍ୟ କିଛି ରୋଜଗାର ନ ଥିବାରୁ ବେସାହାରା ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସିପିଏମ୍ ନେତା ପଲ୍ଟୁ ଦାସଙ୍କ ସହିତ ବହୁ ଲୋକ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ଜୟନ୍ତୀ ପରିଡା ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରି କ୍ଷତିପୂରଣ ଓ ରେଡକ୍ରସ୍‌ରୁ ସହାୟତା ଲାଗି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

### ଆତ୍ମସୁରକ୍ଷା ତାଲିମ ଶିବିର

ମୋରଡା,୨୬।୩(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟରେ ୧୫ ଦିନିଆ ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଟ୍ରେନର ଗୀତାରାଣୀ ମହାନ୍ତ ଏବଂ ଜ୍ୟୋସ୍ନାରାଣୀ ମହାନ୍ତ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଶାରୀରିକ ତଥା ମାନସିକ ଦକ୍ଷତା ବୃଦ୍ଧିରେ କିପରି ଆତ୍ମସୁରକ୍ଷା କୌଶଳ ସହାୟକ ହେବ ସେ ବିଷୟରେ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମୋରଡ଼ା ସିଆରସିସି ଅନିତା ବେହେରା, ଅବକାରୀ ବିଭାଗର କନଷ୍ଟେବଲ ପାର୍ବତୀ ମାରାଣ୍ଡି ଯୋଗଦେଇ ସମାଜରେ ଛାତ୍ରୀ ଓ ନାରୀମାନଙ୍କର ସୁରକ୍ଷା ବିଷୟରେ ମନ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବେହେରା, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଛାତ୍ରୀମାନେ କିପରି ସ୍ୱାବଲମ୍ବୀ ହେବେ ସେ ବିଷୟରେ ଦୃଷ୍ଟିପାତ କରିଥିଲେ।

### ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

ଆରଡି,୨୬।୩( ଡି.ଏନ୍.ଏ.)- ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଭୂଇଁପୁର ଗାଁର ଦିବାକର ବିଶ୍ୱାଳଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଝରକା ଗ୍ରୀଲ ତାଡି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ପରିବାର ଲୋକେ ଅପେରା ଦେଖିବାକୁ ଯାଇଥିବା ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶି ଲୁଟପାଟ କରିଛନ୍ତି। ଖବରପାଇ ଆରଡ଼ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ମଲ୍ଲ, ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେଏକ ମାମଲା(ନଂ.୧୧୨/୨୩) ରୁଜୁ ହୋଇଛି। ଗ୍ରାମବାସୀ ସନ୍ଦେହରେ ଜଣେ ଯୁବକଙ୍କୁ ଧରି ଆରଡ଼ି ଫାଣ୍ଡି ପୋଲିସ ଜିମା ଦେଇଛନ୍ତି। ପୋଲିସ ସମ୍ପୃକ୍ତ ଯୁବକକୁ ଅଟକ ରଖି ପଚରା ଉଚୁରା କରୁଛି।

### ହୃଦ୍‌ଘାତରେ ଶିକ୍ଷକଙ୍କ ପରଲୋକ

କେନ୍ଦୁଝର,୨୬।୩(ସ୍ୱ.ପ୍ର): କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମର ପୂର୍ବତନ ଶିକ୍ଷକ ମଧୁସୂଦନ ପାତ୍ର(୫୦)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ନାଉପଦା ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରି ଘରକୁ ଆଣିଥିଲେ। ରବିବାର ସକାଳୁ ସେ ଶୌଚହେବାକୁ ଯାଉଥିବାବେଳେ ପୁଣି ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ବନ୍ଧୁ ପରିଜନ, ଆତ୍ମୀୟ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତଶର୍ଯ୍ୟା ନିକଟରେ ତାଙ୍କ ବୁଢ଼ୀ ମା' ପାର ପାତ୍ର, ସ୍ତ୍ରୀ ଯୋଶଦା ପାତ୍ର, ବଡ଼ଝିଅ ପ୍ରିୟଙ୍କା ପାତ୍ର, ସାନ ପୁଅ ପ୍ରଶାନ୍ତ ପାତ୍ର, ଭଉଣୀ ତାରା ପାତ୍ର, ତୁଳସୀ ପାତ୍ର, ଭଣଜା ସୁରେଶ ଚନ୍ଦ୍ର ପାତ୍ର, ନାତୁଣୀ ସୁଭଶ୍ରୀ ପାତ୍ର, ପୁରୁରା ଦୁର୍ଯ୍ୟାଧେନ ପାତ୍ର, ପରେଶ ପାତ୍ର, ବୁଦ୍ଧଦେବ ପାତ୍ର, ଗଣେଶ୍ୱର ପାତ୍ର, ଭୁଲୁ ପାତ୍ର, ବୁଦ୍ଧଦେବ ପାତ୍ର, ଲମ୍ବୋଧର ପାତ୍ର, ମଙ୍ଗୁଲୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁପୋଶି ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଭାରିଯାନ ଯୋଗୁ ବଢୁଛି ଟ୍ରାଫିକ ସମସ୍ୟା

**ଅଜନ୍ତା ଲଜ୍ ଗଳି**
- ନିୟମ ପାଳନ କରୁନାହାନ୍ତି ଗୋଦାମ ମାଲିକ
- ଦିନତମାମ ରାସ୍ତା ଉପରେ ରହୁଛି ଟ୍ରକ୍

କେନ୍ଦୁଝର,୨୬।୩(ସ୍ୱ.ପ୍ର.)




କେନ୍ଦୁଝର ସହରର ମୁଖ୍ୟ ରାସ୍ତାରୁ ଅଜନ୍ତା ଲଜ୍ ଗଳିକୁ ସଂଯୋଗ କରୁଥିବା ରାସ୍ତାରେ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଅଞ୍ଚଳରେ ରାତି ୧୦ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ମାଲ ବୋଝେଇ ଗାଡି ଅନଲୋଡିଂ କରିବାକୁ ପୋଲିସ ଓ ପୌରପାଳିକା ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ଗୋଦାମ ମାଲିକ ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନ କରି ୧୬ ଚକିଆ ଗାଡ଼ିକୁ ଅଣ ଓସାରିଆ ରାସ୍ତାରେ ଭର୍ତ୍ତି କରି ମାଲ ଅନଲୋଡ୍ କରୁଛନ୍ତି। ଅନେକ ସମୟରେ ଗାଡି ଖରାପ ହେଲେ ଜନାକୀର୍ଣ୍ଣ ରାସ୍ତାରେ ଯାତାୟାତ ଠପ୍ ହୋଇଯାଉଛି।

ସୂଚନାଯୋଗ୍ୟ, କେନ୍ଦୁଝର ସହରର ମୋଚିବନ୍ଧସାହିସ୍ଥିତ ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟଠାରୁ ବୁଲାଦ୍ୱାର ସାହି ପର୍ଯ୍ୟନ୍ତ ଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଗୋଦାମ ଗୃହ ରହିଛି। ଫଳରେ ପ୍ରତିଦିନ ମାଲବାହୀ ଟ୍ରକ୍ ଠିଆ ହୋଇ ରହୁଛି। ଏଥିପାଇଁ ଉକ୍ତ ରାସ୍ତାରେ ଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ରାସ୍ତାଟି ଅଣ ଓସାରିଆ ହୋଇଥିଲେ ମଧ୍ୟ ଏହା ଏକ ବ୍ୟସ୍ତ ବହୁଳ ରାସ୍ତା। ଲୋକମାନେ ସାଧାରଣତଃ ଜାତୀୟ ରାଜପଥରୁ ଷ୍ଟେଟବ୍ୟାଙ୍କ ରୋଡ୍‌ରେ ମିଶିବା ପାଇଁ ଏହି ରାସ୍ତାକୁ ବ୍ୟବହାର କରିଥାଆନ୍ତି। କିନ୍ତୁ ଗୋଦାମ ମାଲିକମାନେ ଦିନ ତମାମ ୧୪ରୁ ୧୬ ଚକିଆ ଟ୍ରକ୍ ରଖି ମାଲ ଲୋଡ ଅନ୍‌ଲୋଡ କରିବା ଯୋଗୁ ରାସ୍ତାରେ ଟ୍ରାଫିକ ସମସ୍ୟା ବଢୁଛି ବୋଲି ସ୍ଥାନୀୟ ଅଧିବାସୀ ପ୍ରଦୀପ ମହାନ୍ତି କହିଛନ୍ତି। ଭାରିଯାନ ଚଳାଚଳ ଯୋଗୁ ରାସ୍ତା ନଷ୍ଟ ହୋଇଗଲାଣି। ବିନା ପାର୍କିଂରେ ବ୍ୟବସାୟମାନେ ଗୋଦାମ ଘର କରିଛନ୍ତି। ଦିନ ତମାମ ଗାଡ଼ି ରାସ୍ତା ଉପରେ ରଖାଯାଉଛି। ଫଳରେ ସ୍ଥାନୀୟ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିବା ବେଳେ ରାସ୍ତା ଜାମ ହେଉଛି ବୋଲି ଆଇନଜୀବୀ ସୁରଜ ମହାପାତ୍ର କହିଛନ୍ତି। ମୋଚିବନ୍ଧ ସାହି ରାସ୍ତା ପାର୍ଶ୍ୱରେ ଥିବା ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟ ଏବଂ ମୋଚିବନ୍ଧ ୟୁଜିଏମ୍‌ଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟକୁ ଯିବା ଆସିବା କରୁଥିବା ସ୍ଥାନୀୟ ନିବାସୀ ବିପିନ ସାହୁ କହିଛନ୍ତି। ଏହି ସ୍ଥାନରୁ ଗୋଦାମ ଘର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପୌରପାଳିକା ଓ ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟ ଦିଆଯାଇଥିଲେ ସୁଦ୍ଧା ବ୍ୟବସାୟୀ ଏହାକୁ ଫୁ କରିଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଟାଟାଷ୍ଟିଲ ପକ୍ଷରୁ ଜଙ୍ଗଲ ସୁରକ୍ଷା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବନ କର୍ମଚାରୀ ଓ ଟାଟାଷ୍ଟିଲ ଅଧିକାରୀମାନେ।

ଯୋଡ଼ା,୨୬।୩(ଡି.ଏନ.ଏ.)

ଟାଟାଷ୍ଟିଲ ଲିମିଟେଡ ଦ୍ୱାରା ପରିଚାଳିତ ଯୋଡ଼ା ୱେଷ୍ଟ, ବାମେବାରି ଆଇରନ ଓ ମାଙ୍ଗାନିଜ ଖଣି ପକ୍ଷରୁ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ମୁଖ୍ୟ ବକ୍ତାଭାବେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିଆ, ମୁଖ୍ୟ ପରିଚାଳକ, ମାଙ୍ଗାନିଜ ଗ୍ରୁପ ଅଫ ମାଇନ୍ସ ଅବିନାଶ କୁମାର, ଅନ୍ୟମାନଙ୍କ ମଧ୍ୟରେ ଟାଟାଷ୍ଟିଲର ବରିଷ୍ଠ ଅଧିକାରୀ ସବ୍ୟସାଚୀ ମିଶ୍ର, ଅନୁଭବ ମିଶ୍ର, ବୀରେନ୍ଦ୍ର ଜେନା, ଶ୍ରୀକାନ୍ତ ଦାଶ ପ୍ରମୁଖ ଯୋଗଦେଇ ଜଙ୍ଗଲରେ ନିଆଁ ନ ଲଗାଇବାକୁ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏହା ସହିତ ପଥପ୍ରାନ୍ତ ନାଟକ ଓ ପାଲା ମାଧ୍ୟମରେ ଜଜାଙ୍ଗ, ବନ୍ଧୁଆବେପଲସା, ଗୁରୁତୁଆଁ, କମାରଯୋଡ଼ା, ବାଉଁଶପାଣି, ଦଲପାହାର, ଯୋଡ଼ା ପ୍ରଭୃତି ଗ୍ରାମ ଗୁଡ଼ିକରେ ଜନସାଧାରଣମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧିବାସୀ, ଛାତ୍ରୀଛାତ୍ର, ମହିଳା, ପ୍ରକୃତି ପ୍ରେମୀ, ବନ ସୁରକ୍ଷା ସମିତିର ସଭ୍ୟ ଓ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡ଼ିକରେ ଥିବା ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଏକ ସଚେତନତା ରଥ ପରିଭ୍ରମଣ କରାଯାଇଥିଲା। ଟାଟାଷ୍ଟିଲ ତରଫରୁ ଅନୁଭବ ମିଶ୍ର ଓ ଶ୍ରୀକାନ୍ତ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବୈଶିଙ୍ଗା, ଅଁଳା ମହାବିଦ୍ୟାଳୟ ଉନ୍ନତୀକରଣ ପାଇଁ ୭୫ ଲକ୍ଷ ଅନୁଦାନ

ବୈଶିଙ୍ଗା,୨୬।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ମହାବିଦ୍ୟାଳୟ ଓ ବୈଶିଙ୍ଗା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରାଯାଇଛି। ଅଁଳା ଜୁନିୟର କଲେଜର ମୌଳିକ ଭିତ୍ତିଭୂମି ବିକାଶ ସହିତ ସ୍ମାର୍ଟ କ୍ଲାସରୁମ୍ , ବିଜ୍ଞାନ ବିଭାଗର ଲାବରେଟରୀ ଓ ଇ-ଲାଇବ୍ରେରୀ ସ୍ଥାପନ ନିମନ୍ତେ ୨୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ସେହିଭଳି ବୈଶିଙ୍ଗା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟର ମୌଳିକ ଭିତ୍ତିଭୂମିର ବିକାଶ ସହିତ ଦୁଇଟି ନୂତନ ଶ୍ରେଣୀ ଗୃହ ( ସ୍ମାର୍ଟ କ୍ଲାସ ଉପକରଣ ସହ), ବିଜ୍ଞାନ ବିଭାଗର ଲାବରେଟରୀ ଓ ଇ-ଲାଇବ୍ରେରୀ ସ୍ଥାପନ ନିମନ୍ତେ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବା ଜଣାପଡ଼ିଛି। ତେବେ ଏହି ସମସ୍ତ ଅର୍ଥ ସ୍ପେସିଆଲ ପ୍ରବ୍ଲେମ ଫଣ୍ଡ ( SPF ) ରୁ ଖର୍ଚ୍ଚ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ଲାନିଂ ଆଣ୍ଡ କନଭରଜେନ୍ସ ବିଭାଗ ପକ୍ଷରୁ ପତ୍ର ନଂ. ୫୭୫୩ ମାଧ୍ୟମରେ ଜିଲାପାଳଙ୍କୁ ସୂଚନା ଦିଆଯାଇଛି।

# ପ୍ରସ୍ତାବିତ ସମବାୟ ସମିତିକୁ ନେଇ ଗ୍ରାମବାସୀଙ୍କ ବୈଠକ

ଖଇରା, ୨୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ବର୍ତ୍ତମାନ ୧୪ଟି ସେବା ସମବାୟ ସମିତି କାର୍ଯ୍ୟକ୍ଷମ ଥିବା ବେଳେ ପୁନର୍ଗଠନ ପ୍ରକ୍ରିୟାରେ ଆଉ ୨ଟି ଖୋଲାଯିବାକୁ ଯୋଜନା ରହିଛି। ଏଥିମଧ୍ୟରେ ଡଗରପଡା ଓ ଅଚ୍ୟୁତପୁର ୨ ପଞ୍ଚାୟତକୁ ନେଇ ନୂତନ ଭାବେ ସମିତି ଖୋଲାଯିବାକୁ ପ୍ରସ୍ତାବ ରହିଥିବା ବେଳେ ଶନିବାର ଡଗରପଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ୨୫ଟି ଗାଁର ଅଧିବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡଗରପଡା ସରପଞ୍ଚ ରତ୍ନାକର ଦଳେଇ ଓ ସମିତିସଭ୍ୟ ବିମ୍ବାଧର ଦଳେଇ, ଅଚ୍ୟୁତପୁର ସରପଞ୍ଚ ଅହଲ୍ୟା ପାତ୍ର ଓ ସମିତିସଭ୍ୟା ସସ୍ମିତା ପଣ୍ଡା, ପୂର୍ବତନ ସରପଞ୍ଚ ମାୟାଧର ଦାସ ଓ ପୂର୍ଣ୍ଣଚନ୍ଦ୍ର ପୋଇ, ପୂର୍ବତନ ସମିତିସଭ୍ୟା ଅପର୍ଣ୍ଣା ପାତ୍ର ଓ ନାରାୟଣ ଶିଆଳ ପ୍ରମୁଖ ଉପସ୍ଥିତିରେ ନୂଆ ସମିତି ଗଠନ ପ୍ରସ୍ତାବ ଉପରେ ଗ୍ରାମବାସୀ ସେମାନଙ୍କର ମତାମତ ରଖିଥିଲେ। ସମସ୍ତ ୨୫ଗୋଟି ଗ୍ରାମର ବାସିନ୍ଦା ଏହାକୁ ସମର୍ଥନ ଜଣାଇବା ସହ ସାଧରଣ ଖଟିଖିଆ, ଚାଷୀ, ଗୃହିଣୀ ମହିଳା ଗୋଷ୍ଠୀ ଏହାଦ୍ୱାରା ଲାଭବାନ ହେବେ ବୋଲି ଏକସ୍ୱରରେ କହିଥିଲେ। ଖୁବ୍‌ଶୀଘ୍ର ସମସ୍ତଙ୍କ ସୁବିଧାକୁ ଲକ୍ଷ୍ୟ ରଖି ଜାଗା ନିରୂପଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।



ଡଗରପଡ଼ାଠାରେ ୨୫ ଗ୍ରାମର ଅଧିବାସୀଙ୍କ ବୈଠକ।

# ଶ୍ରମିକ, କାରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ଜରୁରୀ

**ଝୋଟ କାରଖାନା ଶ୍ରମିକ ସଂଘର ବାର୍ଷିକ ସମ୍ମିଳନୀ**

ରୂପ୍‌ସା, ୨୬।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଝୋଟ କାରଖାନା ଶ୍ରମିକ ସଂଘର ୨୮ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ଅନ୍ତର୍ଯ୍ୟାମୀ ମହାପାତ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସଂଘର ସଭାପତି ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ଦାସ ଯୋଗଦେଇ କାରଖାନାର ଉନ୍ନତି ପାଇଁ ଶ୍ରମିକଙ୍କ ଅବଦାନ ଓ ଏକତା ଆବଶ୍ୟକ। କାରଖାନା କର୍ତ୍ତୃପକ୍ଷ ଏବଂ ଶ୍ରମିକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଆର୍ଥିକ ମାନଦଣ୍ଡ ବୃଦ୍ଧି ହେବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ କାରଖାନା ପରିଚାଳକ ହୃଷିକେଶ ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦାପ୍ରସନ୍ନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ସେଠୀ, କାରଖାନା ଇନଚାର୍ଜ ସୁରେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସମ୍ପାଦକ ଗୌରାଙ୍ଗ ବେହେରା, ଶୁଭେଚ୍ଛୁ ଶ୍ରୀପତି ରାଉତ ଓ ମନୋରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଶ୍ରମିକଙ୍କ ବିକାଶ ପାଇଁ କାରଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଉଚିତ୍ ବୋଲି ବକ୍ତବ୍ୟରେ କହିଥିଲେ।

ସଂଘର ସାଧାରଣ ସମ୍ପାଦକ ଦୀପକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଉମେଶ ନାୟକ ବାର୍ଷିକ ଆୟବ୍ୟୟ ହିସାବ ପଠନ କରିଥିଲେ। ଉପସଭାପତି ରଜନୀକାନ୍ତ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା ହୋଇଥିଲା। ସଙ୍ଗଠନ ସମ୍ପାଦକ ଭାବେ ରାଜେଶ ଗିରି, ପଦ୍ମଲୋଚନ ଶତପଥି, ରତ୍ନାକର ବେହେରା, ରାଜେନ୍ଦ୍ର ଦାସ, ସହ ସମ୍ପାଦକ ଭାବେ ନିରଞ୍ଜନ ଦାସ, ପଞ୍ଚାନନ ବିଶ୍ୱାଳ, ସୁଧାଂଶୁ ଶେଖର ସିଂହ, ଅନ୍ତର୍ଯ୍ୟାମୀ ମହାପାତ୍ର, ରଘୁନାଥ ସାହୁଙ୍କ ସମେତ ୧୦ଜଣିଆ ଇସି ମେମ୍ବର ଦାୟିତ୍ୱ ଗ୍ରହଣ କରିଥିଲେ। ଶେଷରେ ପଞ୍ଚାନନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




ନୂତନ କର୍ମକର୍ତ୍ତାଙ୍କ ଗହଣରେ ମଞ୍ଚାସୀନ ଅତିଥି।

## ଓକିଲ ସଂଘ ନିର୍ବାଚନ

# ମନୋଜ ସଭାପତି, ଦୀପକ ସମ୍ପାଦକ

ବାଲେଶ୍ୱର ଅଫିସ, ୨୬।୩

'ଓଡ଼ିଶା ବାର୍ କାଉନସିଲ'ର ନିଷ୍ପତ୍ତି ଅନୁସାରେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ହୋଇଥିଲା। ବାଲେଶ୍ୱର ଓକିଲ ସଂଘ ନିର୍ବାଚନରେ ମନୋଜ କୁମାର ନାୟକ ସଭାପତି, ରଣଜିତ୍ ପଣ୍ଡା ଉପସଭାପତି, ଦୀପକ କୁମାର ଦାଶ ସମ୍ପାଦକ, ଅନ୍ନପୂର୍ଣ୍ଣା ରାଉତ ଓ ଜିତେନ୍ଦ୍ର କୁମାର ଉପାଧ୍ୟାୟ ସହସମ୍ପାଦକ, ପ୍ରଶାନ୍ତ କୁମାର ନାୟକ କୋଷାଧ୍ୟକ୍ଷ ଓ ପିନାକୀ ଧୀର ସହ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ସୌରୀଶଙ୍କର ପରିଡ଼ା, ପ୍ରଭାତ କୁମାର ଦାସ, ନିଶାନ୍ତ ପଟ୍ଟନାୟକ, ରିତାଞ୍ଜଳୀ ନନ୍ଦ, ଜ୍ଞାନରଞ୍ଜନ ପାଣି, ବାସନ୍ତୀ ସାହୁ, ମହମ୍ମଦ ଇସଲାମ, ଧୀରେନ୍ଦ୍ର କୁମାର ମିଶ୍ର, ଦେବାଶିଷ ପାତ୍ର, ରାମକୃଷ୍ଣ ଜେନା, ଅମୂଲ୍ୟ କୁମାର ପରିଡ଼ା, ଅକ୍ଷୟ କୁମାର ପାତ୍ର ୧୨ଜଣ ଆଇନଜୀବୀ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି।

ବାଲେଶ୍ୱର ଓକିଲ ସଂଘର ମତଦାନ ଶନିବାର ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ସିଙ୍କ ତତ୍ତ୍ୱାବଧାନରେ ମତଦାନ ହୋଇଥିଲା। ଏନେଇ ୨ନଂ. ବାର୍‌ରେ ୧୨ଟି ବୁଥ୍ ସ୍ଥାପନ କରାଯାଇଥିଲା। ୧୨୯୯ ଭୋଟରଙ୍କ ମଧ୍ୟରୁ ଚଳିତ ନିର୍ବାଚନରେ ମୋଟ୍ ୧୧୦୯ ଜଣ ମତଦାନ କରିଥିଲେ। ଅପରାହ୍ନ ୫ଟାରୁ ଭୋଟଗଣତି ଆରମ୍ଭ ହୋଇ ମଧ୍ୟରାତିରେ ଗଣତି ସରିବା ପରେ ଫଳାଫଳ ଘୋଷଣା କରାଯାଇଥିଲା। ମତଦାନ ଓ ଭୋଟଗଣତି କାର୍ଯ୍ୟ ପରିଚାଳନାରେ ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ସୁଧାଂଶୁ ନାୟକ, ଶଙ୍କର ଜେନା, ଅଭିମନ୍ୟୁ ପାକଳ ଓ ରମୁରଞ୍ଜନ ଦାସଙ୍କ ସମେତ ୧୫ଜଣ ଆଇନଜୀବୀ ସହଯୋଗ କରିଥିଲେ।

# ଅଶୋକ ସଭାପତି, ଗୋପାଳ ଉପସଭାପତି

ଧାମନଗର,୨୬।୩(ଡି.ଏନ.ଏ.)

ରାଜ୍ୟ ବାର ଆସୋସିଏସନ ନିର୍ଦ୍ଦେଶ କ୍ରମେ ଶନିବାର ଧାମନଗର ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭାବେ ଅଶୋକ ଦାସ ୪୭ ଖଣ୍ଡ ଭୋଟ ଓ ଉପ ସଭାପତି ଭାବେ ଗୋପାଳ ବାରିକ ୩୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ଗୌତମ ବୁଦ୍ଧ ଜେନା, ସହ ସମ୍ପାଦକ ମିନତୀ ମଲ୍ଲିକ, କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ଗୌରବ ଗୁପ୍ତା, ସନ୍ତୋଷ ତ୍ରିପାଠୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଅମରେନ୍ଦ୍ର ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବାବେଳେ ଅତିରିକ୍ତ ନିର୍ବାଚନ ଅଧିକାରୀ ଦେବଜ୍ୟୋତି ଦାସ, ସୁବାସ ସାଏଣ୍ଟ, ସୌମ୍ୟ ରଞ୍ଜନ ସାହୁ, ଦେବକୀ ମହାପାତ୍ର ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।




ଅଶୋକ ଦାସ। ଗୋପାଳ ବାରିକ।

# ନିରାକାର ସଭାପତି, ଦିବ୍ୟସିଂହ ସମ୍ପାଦକ ନିର୍ବାଚିତ

ଭଦ୍ରକ ଅଫିସ, ୨୬।୩

ଭଦ୍ରକ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଜିଲାର ବରିଷ୍ଠ ଅଧିବକ୍ତା ନିରାକାର ଜେନା ଓ ସମ୍ପାଦକ ଭାବରେ ବରିଷ୍ଠ ଅଧିବକ୍ତା ଦିବ୍ୟସିଂହ ନାୟକ ନିର୍ବାଚିତ ହୋଇଛନ୍ତି। ନିରାକାର ୩୭୦ ଖଣ୍ଡ ଭୋଟ ବ୍ୟବଧାନରେ ଓ ଦିବ୍ୟସିଂହ ୫୭ ଖଣ୍ଡ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବରେ ମନୋରଞ୍ଜନ ଦାସ, ଯୁଗ୍ମ ସମ୍ପାଦକ ଭାବେ ନିକୁଞ୍ଜ କିଶୋର ପୁହାଣ, ସହସମ୍ପାଦକ ଭାବରେ ଗିରିଜା ଶଙ୍କର ଦାସ, ଲାଇବ୍ରେରୀ ସହ ସମ୍ପାଦକ ଭାବେ ବିଶ୍ୱଜିତ୍ ରାଉତ, କୋଷାଧ୍ୟକ୍ଷ ଭାବେ କିଶୋର ବଳ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଲକ୍ଷ୍ମୀଧର ପଣ୍ଡା, ସଞ୍ଜୟ ନାୟକ, ବିଶ୍ୱପ୍ରକାଶ ଘଡ଼େଇ ନିର୍ବାଚିତ ହୋଇଛନ୍ତି। ପୁରୁଣା କୋର୍ଟ ପରିସରରେ ଥିବା ଓକିଲ ସଂଘ ସଦନରେ ଅନୁଷ୍ଠିତ ଏହି ନିର୍ବାଚନରେ ମୋଟ ୮୦୩ ସଦସ୍ୟ ମତଦାନ କରିଥିଲେ। ନିର୍ବାଚନରେ ଅଧିବକ୍ତା ଦୁର୍ଗାପ୍ରସନ୍ନ ରାୟମହାପାତ୍ର ନିର୍ବାଚନ ଅଧିକାରୀ ଭାବରେ ପରିଚାଳନା କରୁଥିଲେ।




ନିରାକାର ଜେନା ଓ ଦିବ୍ୟସିଂହ ନାୟକ।

# ବାଞ୍ଛାନିଧି ସଭାପତି, ଦିବ୍ୟପ୍ରସାଦ ସାଧାରଣ ସମ୍ପାଦକ

କରଞ୍ଜିଆ,୨୬।୩

ଓଡ଼ିଶା ବାର୍ ଆସୋସିଏସନ ଦ୍ୱାରା ଅନୁବନ୍ଧିତ କରଞ୍ଜିଆ ଓକିଲ ସଂଘ ନିର୍ବାଚନ ଶେଷ ହୋଇଛି। ସଭାପତି ପଦ ପାଇଁ ତ୍ରିମୁଖି ଲଢ଼େଇରେ ବରିଷ୍ଠ ଆଇନଜୀବୀ ବାଞ୍ଛାନିଧି ପୃଷ୍ଟି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସୁଶାନ୍ତ କୁମାର ଦାସଙ୍କଠାରୁ ୧୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପାଇଁ ମଧ୍ୟ ତ୍ରିମୁଖି ଲଢ଼େଇରେ ପୁଣି ଥରେ ଦିବ୍ୟପ୍ରସାଦ ସାହୁ ତାଙ୍କ ନିକଟତମ ପ୍ରାର୍ଥୀ ଅଭିଜିତ ମହାନ୍ତଙ୍କଠାରୁ ୩୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଉପସଭାପତି ଭାବେ ଦିନକୃଷ୍ଣ ମହାନ୍ତ ୬୭ ଖଣ୍ଡ ଭୋଟ, ଯୁଗ୍ମ ସମ୍ପାଦକ ପଦ ପାଇଁ ରବୀନ୍ଦ୍ର କୁମାର ମହାନ୍ତ ୮୩ ଖଣ୍ଡ ଭୋଟ, କୋଷାଧ୍ୟକ୍ଷ ପଦ ପାଇଁ ବାବୁରାମ ବେଶ୍ରା ୮୨ ଭୋଟ ପାଇ ବିଜୟ ଲାଭ କରିଛନ୍ତି। କାର୍ଯ୍ୟକାରୀ ସଦସ୍ୟ ଭାବେ ସପନ ଶତପଥୀ, ଏମ୍‌ଡି ଫିରୋଜ, ରମେଶ କୁମାର ମହାନ୍ତ, ଝରଣା ପୃଷ୍ଟି, ବିକ୍ରମ କୁମାର ଦତ୍ତ, ମହିଳା ସଦସ୍ୟା ଭାବେ ସୁବର୍ଣ୍ଣ ଧୁଙ୍ଗିଆ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କାହ୍ନୁଚରଣ ଗିରି ଘୋଷଣା କରଛନ୍ତି। ନିର୍ବାଚନ ପରିଚାଳନାରେ ସୁଧିର ସେଠୀ ଓ ଅନୁପମା କର ସହଯୋଗ କରିଥିଲେ।

# ଅକ୍ଷୟ ମହାନ୍ତି ରାଇରଙ୍ଗପୁର ଓକିଲ ସଂଘ ସଭାପତି

ରାଇରଙ୍ଗପୁର,୨୬।୩ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଓକିଲ ସଂଘର ନିର୍ବାଚନ ବରିଷ୍ଠ ଆଇନଜୀବୀ ସଞ୍ଜୀବ ଲେଙ୍କା, କିଶୋର ମଣ୍ଡଳ, ଅର୍ଚ୍ଚନା ଦତ୍ତ, ସସ୍ମିତା ଦତ୍ତ ଲକ୍ଷ୍ମୀ ମହାନ୍ତି ଓ ନିୟତି ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶେଷ ହୋଇଛି। ସଭାପତି ଭାବେ ଅକ୍ଷୟ ମହାନ୍ତି ୫ମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ମନୋଜ ଦାସ ଓ ଶ୍ରୀହରି ଚରଣ ସାହୁଙ୍କ ମଧ୍ୟରେ ଭୋଟ ସମାନ ହୋଇଥିବାରୁ ଆଗାମୀ ଦିନରେ ନିର୍ବାଚନ ଅଧିକାରୀ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି। ରାମଚନ୍ଦ୍ର ସାହୁ ଉପସଭାପତି , କିଶୋର ଚନ୍ଦ୍ର ମହାନ୍ତ ସହ ସମ୍ପାଦକ, ବୀର କିଶୋର ମହାପାତ୍ର ଗ୍ରାନ୍ଥାଗାରିକ ଭାବେ ନିର୍ବାଚିତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ଶିଶୁପଦ ମହାନ୍ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ଭାବେ ବୈଜୟନ୍ତୀ ଦଳେଇ, ବିଜୟ ସାମଲ, ବିନୟ ଭୂଷଣ ମହାନ୍ତି, ଦୁଷ୍ମନ୍ତ ବସା, ଗୌରୀ ଶଙ୍କର ଦତ୍ତ, ନନ୍ଦରାଣୀ ହେମ୍ବ୍ରମ, ନିବେଦିତା ଗିରି, ରଜନୀକାନ୍ତ ବେହେରା, ସୋମନାଥ ମିଶ୍ର ଏବଂ ସୁବ୍ରତ ମଣ୍ଡଳ ନିର୍ବାଚିତ ହୋଇଛନ୍ତି।

**ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ**

ପଦ୍ମପୁର,(ଡି.ଏନ.ଏ.)- ଭଦ୍ରକ ସଦର ବ୍ଲକ ଶେରପୁର ଗ୍ରାମର ଜଣେ ମହିଳା ଭତ୍ତା ଟଙ୍କା ନେଇ ଶନିବାର କେଦାରପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଫେରୁଥିବା ବେଳେ କୁଣ୍ଡିପୋଲଠାରେ କେତେଜଣ ଯୁବକ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରି ଟଙ୍କା ଛଡ଼ାଇ ନେଇଛନ୍ତି। ଆକ୍ରମଣର ଶିକାର ମହିଳା ହେଲେ ତୁଳସୀ ଜେନା। ତାଙ୍କ ସ୍ୱାମୀ ଗଗନ ଏହାକୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ ମାଡ଼ ମାରିଛନ୍ତି। ସାବରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ. ୫୨/୨୩) ରୁଜୁ କରି ଘଟଣାରେ ସମ୍ପୃକ୍ତ ଜୀବନ ମଳିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଯୁବକ ଗିରଫ

ବାହାନଗା, ୨୬।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକର ଦୁଇଟି ଗ୍ରାମର ଦୁଇ ନାବାଳିକାଙ୍କୁ ଅପହରଣ ହୋଇଥିବା ଦୁଇଟି ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏନେଇ ଗୋପାଳପୁର ଥାନାରେ ଏକ ମାମଲା(ନଂ.୩୨/୨୩) ରୁଜୁ କରାଯାଇଛି। ସେହିପରି ସୋର ଥାନାରେ ଏକ ମାମଲା(ନଂ. ୧୬୭/୨୩) ରୁଜୁ କରାଯାଇଥିଲା। ଗୋପାଳପୁର ଥାନା ଅଧୀନ ବରିପଦା ପଞ୍ଚାୟତର ମହାରୁଦ୍ରପୁର ଗ୍ରାମର ଦେବାଶିଷ ପଣ୍ଡା ଗୋପାଳପୁର ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ପଥରପେଣ୍ଠ ପଞ୍ଚାୟତ ଅଞ୍ଚଳରୁ ଜଣେ ନାବାଳିକା ଅପହରଣ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। କାଣ୍ଡଗରିଡି ଅଞ୍ଚଳର ସାଗରରଞ୍ଜନ ଗିରି ମୋଟର ସାଇକେଲ ଯୋଗେ ନାବାଳିକାଙ୍କୁ ନେଇ ପଳାଇଥିବା ଅଭିଯୋଗ ହୋଇଥିଲା।

### ୧୯୯୨ ମାଟ୍ରିକ୍ ବ୍ୟାଚର ବନ୍ଧୁମିଳନ

ଭଦ୍ରକ ଅଫିସ, ୨୬।୩- ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ସ୍ଥିତ ଆରଡ଼େଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ରବିବାର ଆଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ପରେ ସହପାଠୀମାନେ ଏକାଠି ହୋଇ ଭାବ ବିନିମୟ କରିଥିଲେ। ଦୀର୍ଘ ବର୍ଷ ପରେ ପରସ୍ପର ସହ ମିଶିବାର ଏହା ଏକ ମାଧମ ବୋଲି ହିରଣ୍ମୟୀ ଦାଶ, ପ୍ରଦୀପ କର, ସନାତନ ପରିଡ଼ା, ଆଲୋକ ଜେନା, ନବନୀତା ଜେନା ପ୍ରମୁଖ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ସନାତନ ରାଉତ, ଦିଲ୍ଲୀପ ମଲ୍ଲିକ, ରମେଶ ଦାସ, ରବୀନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ଦାସ, ସସ୍ମିତା ସାହୁ, ସୁମିତ୍ରା ଜେନା, ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ନେତା ଦେବେନ୍ଦ୍ରଙ୍କ ପରଲୋକ

ବସ୍ତା, ୨୬।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା କଂଗ୍ରେସର ବରିଷ୍ଠ ନେତା ଅବିଭକ୍ତ ବ୍ରାହ୍ମଣଦା ପଞ୍ଚାୟତର ପୂର୍ବତନ ସରପଞ୍ଚ, ବ୍ଲକ କଂଗ୍ରେସର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକଙ୍କ ରବିବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ଅସୁସ୍ଥ ଥିଲେ। ସେ ବସ୍ତା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ କଂଗ୍ରେସ ଦଳର ଜଣେ ଦକ୍ଷ ସଙ୍ଗଠକ ସମେତ ଲୋକପ୍ରିୟ ଜନନେତା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବସ୍ତା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଶୋକବାର୍ତ୍ତା ଜଣାଇଥିଲେ। ମରଶରୀର ତାଙ୍କ ବସ୍ତାସ୍ଥିତ ବାସଭବନ ପହଞ୍ଚିଲା ପରେ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ ଚଣ୍ଡ, ବସ୍ତା ନିର୍ବାଚନମଣ୍ଡଳୀ କଂଗ୍ରେସନେତା ବିଜନ ନାୟକ, ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ବିଜେଡିର ଶ୍ୟାମପ୍ରସାଦ ବେହେରା ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ଏକ ଶୋଭାଯାତ୍ରାରେ ବରୁଣଗଡ଼ିଆ ପଞ୍ଚାୟତ ଅଫିସ୍‌କୁ ନିଆଯାଇଥିଲା। ସେଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# ଆଦିବାସୀ ମହିଳାଙ୍କ ନାଁରେ ବ୍ୟାଙ୍କ ଋଣ ଟଙ୍କା ଆତ୍ମସାତ୍

ଯୋଡ଼ା,୨୬।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ କୋଲହୋ ହୁଣ୍ଡୁଳା ଗ୍ରାମର କେତେଜଣ ଆଦିବାସୀ ମହିଳାଙ୍କ ନାମରେ ଜନୈକ ମହିଳା ବ୍ୟାଙ୍କରୁ ଋଣ କରି ଟଙ୍କା ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ବ୍ୟାଙ୍କ ନୋଟିସ୍ ପରେ ଆଦିବାସୀ ମହିଳାମାନେ ଯୋଡ଼ା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରାଯିବ ବୋଲି ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ମୁତାବକ, ଉକ୍ତ ଗ୍ରାମରେ ରହୁଥିବା ଜନୈକା ମହିଳା ଗ୍ରାମର ୮ ଆଦିବାସୀ ମହିଳାଙ୍କୁ ଏକତ୍ର କରି ବ୍ଲକ୍‌ରେ ଗ୍ରୁପ କରାଯିବ, ଭତ୍ତା ମିଳିବ କହି ଯୋଡ଼ାକୁ ଆଣିଥିଲେ। ସେଠାରେ ଏକ ଘରୋଇ ବ୍ୟାଙ୍କରେ ସେମାନଙ୍କଠାରୁ ଟିପଚିହ୍ନ ନେଇ ସେମାନଙ୍କୁ ଘରକୁ ପଠାଇ ଦେଇଥିଲେ। ତେବେ କିଛି ଦିନ ପରେ ଘରୋଇ ବ୍ୟାଙ୍କ ପକ୍ଷରୁ ଉକ୍ତ ମହିଳାମାନଙ୍କ ନିକଟକୁ ବ୍ୟାଙ୍କ ଋଣ ଶୁଝିବା ପାଇଁ ଫୋନ ଆସିଥିଲା। ଜଣକ ପିଛା ୨୪ ହଜାର ଟଙ୍କା ଋଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ମହିଳାମାନେ ପ୍ରକୃତରେ କୌଣସି ଋଣ କରି ନ ଥିବାରୁ ସେମାନଙ୍କୁ ବ୍ୟାଙ୍କକୁ ନେଇଥିବା ମହିଳାଙ୍କ ବିରୋଧରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ଏ ବାବଦରେ ଘରୋଇ ବ୍ୟାଙ୍କର ମ୍ୟାନେଜର ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଦୁଇ ମାସ ହେବ ବ୍ୟାଙ୍କରେ ଯୋଗ ଦେଇଛନ୍ତି। ଏହା ତିନି ମାସ ପୂର୍ବରୁ ଘଟିଛି। ଚଞ୍ଚକତା କରି ଋଣ କରାଯାଇଥିବା ନେଇ ସେ ଯାଞ୍ଚ କରି ଜାଣିବାକୁ ପାଇଛନ୍ତି। ଘଟଣାରେ ପୂର୍ବ ବ୍ୟାଙ୍କ ମ୍ୟାନେଜର ଓ ଜଣେ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସୂଚନା ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା କହିଛନ୍ତି।

## ଉତ୍ସବ ଅତୀତ ସହ ବର୍ତ୍ତମାନ ଓ ଭବିଷ୍ୟତକୁ ଯୋଡ଼େ



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

**ଖଡ଼ିପଦା ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ**

ଧାମନଗର,୨୬।୩(ଡି.ଏନ.ଏ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଖଡ଼ିପଡ଼ା ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପୂର୍ବତନ ଅଧକ୍ଷ ରବି ନାରାୟଣ ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମାନବାଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାଶ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପତ୍ରିକା 'ବୈଭବି' ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାଶ ବେନହୁର ଯୋଗଦେଇ ଉତ୍ସବ ବିଗତ ଦିନର ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନର ବୌଦ୍ଧିକ ସାମଗ୍ରୀକ ଉନ୍ନତି ପାଇଁ ବିଦ୍ୟାଳୟ ସହିତ ଯୋଡ଼ିବା ପ୍ରୟାସ କରିଥାଏ ବୋଲି କହିଥିଲେ। ହୀରକ ଜୟନ୍ତୀ କମିଟି ସଭାପତି ରଣଜିତ୍ ରଥ ସ୍ୱାଗତଭାଷଣ, ସମ୍ପାଦକ ଏବିଇଓ ମନୋଜ ଜେନା ବିବରଣୀ ପାଠ କରିଥିଲେ। ଆଇନଜୀବୀ ଦେବାଶିଷ ସାମଲ ଅତିଥି ପରିଚୟ, ଆଇନଜୀବୀ ବିଷ୍ଣୁ ମୋହନ ପତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦଧିବାମନ ମିଶ୍ରଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ 'ନାଗାର୍ଜୁନ' ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା।

## ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବ

ଭଦ୍ରକ ଅଫିସ, ୨୬।୩



ଟାଏକୋଣ୍ଡୋ ଶିକ୍ଷାର୍ଥୀ ସାମରିକ କଳା ପ୍ରଦର୍ଶନ କରୁଛନ୍ତି।

ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶା ସହ ଅନୁବନ୍ଧିତ ଭଦ୍ରକ ଜିଲା ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ଏକ କଲର ବେଲ୍‌ଟ୍ ପରୀକ୍ଷା ଚରମ୍ପା ସ୍ଥିତ ହେପ୍ପି ହୋମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୧ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ତାଓ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପରୀକ୍ଷା ପରିଚାଳନା କରିଥିବା ବେଳେ ଢେଙ୍କାନାଳ ଟାଏକୋଣ୍ଡୋ ଆସୋସିଏଶନର ପ୍ରଶିକ୍ଷକ ଇଂ ସୌମ୍ୟକାନ୍ତ ବେଉରା, ଅନ୍ୟତମ ପ୍ରଶିକ୍ଷକ ରାଜେନ୍ଦ୍ର ବେହେରା, ଆଦ୍ୟାଶା ଦାସ, ବୁଧୁରାମ ସିଂ ଓ ଶରତ ମଢୁଆଳ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଶିକ୍ଷାର୍ଥୀଙ୍କୁ କଲର୍ ବେଲ୍‌ଟ୍ ସହ ଟାଏକୋଣ୍ଡୋ ଏକାଡେମୀ ଅଫ୍ ଇଣ୍ଡିଆ ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। 'ତାଓ' କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ବିଜୟ କୁମାର ଜେନାଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ନରେନ ପଲାଇ, ଜ୍ୟୋତି କନ୍‌ଭେଣ୍ଟର ଅଧକ୍ଷ ଫାଦର ଆଲେକ୍ସ, ହେପ୍ପିହୋମ୍ ପରିଚାଳିକା ପ୍ରଜ୍ଞାପାରମିତା ପଲାଇ, 'ତାଓ' କୋଷାଧକ୍ଷା ତଥା କାର୍ମେଲ ସ୍କୁଲର ଅଧାପିକା ସଂଘମିତ୍ରା ନନ୍ଦିନୀ ଦାସ, ଆଇନଜୀବୀ ପବନ ଶର୍ମା, ସାମାଜିକ କର୍ମୀ ବିଦ୍ୟାଧର ବାରିକ୍, ଇଂ. ଉତ୍ପଳକାନ୍ତି ଦାସ, ହେପ୍ପିହୋମ୍ କ୍ରୀଡ଼ା ଅଧାପକ ରବିନାରାୟଣ ଓଝା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ପ୍ରମାଣ ପତ୍ର ଓ ବେଲ୍‌ଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ଟାଏକୋଣ୍ଡୋ ଶିକ୍ଷାର୍ଥୀଙ୍କ ଦ୍ୱାରା କିଛି ଉଚ୍ଚମାନର ସାମରିକ କଳା ପ୍ରଦର୍ଶନ କରାଯାଇଥିଲା। ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭଦ୍ରକର ସମ୍ପାଦକ ସଂଗ୍ରାମ ତ୍ରିପାଠୀ, ସଦସ୍ୟା ତାରିଣୀ ସାହୁ, ସଦସ୍ୟ ଧନେଶ୍ୱର ଜେନା, ଯୋଗଗୁରୁ ସୁରେଶ ନାୟକ, ହରିହର ବାରିକ୍, ଦିଲ୍ଲୀପ କୁମାର ବେହେରା ପ୍ରମୁଖ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ।

## ସୋରକୁ ସବ୍‌ଡିଭିଜନ ମାନ୍ୟତା ଦାବିରେ ବୈଠକ

ସୋର, ୨୬।୩(ଡି.ଏନ.ଏ.)

ସୋର ପୌରପାଳିକା ଅବସରପ୍ରାପ୍ତ କର୍ମଚାରୀ ବିଶ୍ରାମ ଗୃହ ପରିସରରେ ସୋରକୁ ସବ୍‌ଡିଭିଜନର ଦାବିକୁ ଅଧିକ ଶାଣିତ କରିବାକୁ ସବ୍‌ଡିଭିଜନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ସଭାପତି ନେତ୍ରନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୧ ତାରିଖରେ ହୋଇଥିବା ବାଇକ ରାଲିକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ଦିନରେ କିପରି ସରକାରଙ୍କଠାରେ ଦିଆଯାଇଥିବା ଏହି ଦାବି ଅଧିକ ଶାଣିତ ହେବ ଏବଂ କେଉଁ କେଉଁ ପଦକ୍ଷେପ ନିଆଯିବ ସେନେଇ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ନନ୍ଦକିଶୋର ଦାଶ, ଦାମୋଦର ଦାଶ ମହାପାତ୍ର, ମାୟାଧର ନାୟକ, ନିତ୍ୟାନନ୍ଦ ପାଣିଗ୍ରାହୀ, ଗଙ୍ଗାଧର ପାଢ଼ୀ, ନିତ୍ୟାନନ୍ଦ କର, ଖଗେନ୍ଦ୍ର ନାଥ ପ୍ରଧାନ, ଡ଼. ରବୀନ୍ଦ୍ର ନାରାୟଣ ଦାସ, ଉଦ୍ଧବ ଚରଣ ବିଶ୍ୱାଳ, ମନୋଜ ରାୟ, ପୂର୍ବାସା ମହାନ୍ତି ପ୍ରମୁଖଙ୍କ ସମେତ ୪ଟି ବ୍ଲକ ଓ ସୋର ପୌରପାଳିକା ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ମତ ଦେଇଥିଲେ। ଶେଷରେ ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ୍ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ପାଟଣା,୨୬।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସ୍କୁଲର ପ୍ରତିଷ୍ଠାତା ଅଜୟ ଦାଶଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅରୁଣ ମିଶ୍ର, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧକ୍ଷା ଶୁକାନ୍ତି ନାଏକ, ବଡ଼ ପାଟଣା ସରପଞ୍ଚ ବିନତି ବାନରା, ଏବିଓ ବିଜୟ ଓଝା, ଶିକ୍ଷକ ପାର୍ଥ ସାରଥୀ ବେଜ, କ୍ରୀଡ଼ାବିତ୍ ପ୍ରମୋଦ ଭଞ୍ଜ, ଟ୍ରଷ୍ଟି ଲିଙ୍ଗରାଜ ଦାଶ, ଟ୍ରଷ୍ଟ ସମ୍ପାଦକ ଅବିନାଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ୍‌ର ପ୍ରିନ୍ସିପାଲ ଗଣେଷ ଚନ୍ଦ୍ର ଦାସ ସ୍କୁଲର ବିଗତ ଦିନର ସଫଳତା ଓ ବିଦ୍ୟାଳୟରେ ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। କୃତୀ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢ଼ୌକନ ଦେଇ ପୁରସ୍କୃତ କରିଥିଲେ। ଶେଷରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଶବଦାହ କରିବାକୁ ଯାଇ ପାଲଟିଗଲେ ଶବ

ରୂପସା, ୨୬।୩(ଡି.ଏନ.ଏ.)

ଶବଦାହ କରିବାକୁ ଯାଇଥିବା ଜଣେ ଯୁବକ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଞ୍ଚଳରେ। ମୃତ ଯୁବକ ହେଲେ କସିପଦା ପଞ୍ଚାୟତ ଅଧୀନ ହାତିଆଡ଼ିହା ଗ୍ରାମର ଶ୍ରୀକାନ୍ତ ବେହେରା (୪୮)। ସେ ଶନିବାର ଅପରାହ୍ନରେ ଗ୍ରାମର ଜଣେ ବୃଦ୍ଧାଙ୍କ ଶବଦାହ କରିବାକୁ ସ୍ଥାନୀୟ ଶ୍ମଶାନକୁ ଯାଇଥିଲେ। ଶବଦାହ ସାରି ମିରିଗିମୁଣ୍ଡି ଗାଁ ନିକଟ ପୋଖରୀରେ ଗାଧୋଇବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ସହ ପୋଲିସ ଓ ରାଜସ୍ୱ ନିରୀକ୍ଷକ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଯୁବକଙ୍କ ସ୍ତ୍ରୀ ଓ ୩ପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି।

## ଟୋଲଗେଟ୍ ବୁମ୍ ଭାଙ୍ଗି ପଳାଇଲା କଣ୍ଟେନର

ପାଟଣା,୨୬।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଥାନା କ୍ଷୀରେଇ ଟାଙ୍ଗିରି ଟୋଲଗେଟ୍ ବୁମ୍ ଭାଙ୍ଗି ଏକ କଣ୍ଟେନର ପଳାଇଛି। ଏନେଇ ଟୋଲ ଗେଟ୍ କମ୍ପାନୀ ଠିକାଦାର ଶଶିକାନ୍ତ ଜେନା ତୁରୁମୁଙ୍ଗା ଥାନାରେ ଏତଲା ଦେଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ କଣ୍ଟେନରକୁ ସ୍ଥାନୀୟ ୧୬ ଜଣରୁ ଉର୍ଦ୍ଧ୍ୱ ଲୋକେ ଅଟକାଇଥିଲେ। ଗୋରୁଙ୍କୁ ନେଇ ମୟୂରଭଞ୍ଜ ଜିଲା କରଞ୍ଜିଆ ଗୋଶାଳାରେ ଛାଡ଼ି ଦେବାକୁ କହିଥିଲେ। ଏନେଇ କଣ୍ଟେନରରେ ଥିବା ୫ ଗୋରୁ ବେପାରୀଙ୍କ ସହ ତାଙ୍କର ମାର୍‌ପିଟ ହୋଇଥିଲା। ପରେ ଉକ୍ତ କଣ୍ଟେନର ଟୋଲ ଗେଟ୍‌ର ବୁମ୍ ଭାଙ୍ଗି ପଳାଇ ଯାଇଥିଲା। ଟୋଲ ଗେଟ୍ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା ତୁରୁମୁଙ୍ଗା ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି।

## ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା



ଭାଜପା ରାଜ୍ୟ ସଭାପତିଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ଭଣ୍ଡାରିପୋଖରୀ,୨୬।୩(ସ୍ୱ.ପ୍ର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଭାରତୀୟ ଜନତା ପାର୍ଟିର ନବ ନିଯୁକ୍ତ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ରବିବାର ମଧ୍ୟାହ୍ନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭଦ୍ରକରୁ ଭୁବନେଶ୍ୱର ଯିବା ଅବସରରେ ଦଳୀୟ କର୍ମୀମାନେ ୧୬ନମ୍ବର ଜାତୀୟ ରାଜପଥର ଧାମନଗର ଛକଠାରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ସେହିପରି ଦଳର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଦଳର ଜିଲା ଉପସଭାପତି ଜଗବନ୍ଧୁ ଦାସ, ଜିଲାସମ୍ପାଦିକା ତପସ୍ୱିନୀ ମହାପାତ୍ର, ମଣ୍ଡଳ ସଭାପତି ଗିରିଶ ସାମଲ, ଶ୍ରୀଧର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଜୟସ୍ମିତା ଗୋଛାୟତ, ପ୍ରଦୀପ ସାହୁ, ସମିତି ସଭ୍ୟ ପ୍ରତାପ ଦ୍ୱିବେଦୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ମନମୋହନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କୁ ଶୋଭାଯାତ୍ରାରେ ଭୁବନେଶ୍ୱରସ୍ଥିତ ଦଳୀୟ କାର୍ଯ୍ୟାଳୟକୁ ନେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ଦଳୀୟ ନେତା ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ସୁଷମା ବିଶ୍ୱାଳଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## କବିତା ସମ୍ଭାରରେ ମହକିଲା ସାରସ୍ୱତ ବସନ୍ତ ଉତ୍ସବ

ଖଇରା, ୨୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପଥରାଜପୁର ମେଳଣ ପଡିଆରେ ରବିବାର ୪୬ତମ ସାରସ୍ୱତ ବସନ୍ତ ଉତ୍ସବ କବିର କବିତା ସମ୍ଭାରରେ ଅନୁଷ୍ଠିତ ହୋଇଯାଇଛି। ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସାରସ୍ୱତ ସାଧକ ମାୟାଧର ନାୟକ ପୌରୋହିତ୍ୟ କରିଥିଲେ। ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ମୁଖ୍ୟଅତିଥି, ପ୍ରତିଷ୍ଠାତା ସମ୍ପାଦକ ବ୍ରଜେନ୍ଦ୍ର ନାଥ ଗିରି, କବି ହରିହର ପାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଭରତ ଚନ୍ଦ୍ର ଦାଶ, ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା ବରେଣ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପିଢିର କବିମାନେ ଯୁଗ ସହ ତାଳଦେଇ ଲେଖନୀ ରଚନା କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିବା ବେଳେ କବି ସର୍ବେଶ୍ୱର ଦାସ ଓ କବୟତ୍ରୀ ଅନିତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନନ୍ତ କୁମାର ମହାପାତ୍ରଙ୍କ କବିତା ସଂକଳନ ଭାବ ଭକ୍ତିର ନୈବେଦ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମୋଟ ୩୭ଟି କବିତା ପାଠ କରାଯାଇଥିବା ବେଳେ ରୀତାରାଣୀ ଦାସ ଓ ସୁରମା ପାଣି କବିତାର ସଂଯୋଜନା କରିଥିଲେ। ରଘୁନାଥ ପତ୍ରୀ ଉତ୍ସବର ସଂଯୋଜନା ଏବଂ ଅର୍ଜୁନ ଚରଣ ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁକୁଳ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କିକୋଟ,୨୬।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଶ୍ରୀ ଗୁରୁକୁଳ ଇଂରାଜୀ ମାଧମିକ ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ ଏକ୍ସପ୍ଲୋରିକା ୨୨-୨୦୨୩ ଅନୁଷ୍ଠିତ ହୋଇଯାଇଛି। ସେବା ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ସରୋଜ ସାହୁଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତଃ କୈଳାସ ଚନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଚେୟାରମ୍ୟାନ ଡ. ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ (ପର୍ଯ୍ୟାବରଣ) ରାକେଶ ଜୈନ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଘଟଗାଁ ସ୍ୱାସ୍ଥ୍ୟକେନ୍ଦ୍ରର ଏସ୍‌ଡିଏମଓ ଡ. ମୁକ୍ତିକାନ୍ତ ନାୟକ ଉତ୍ତମ ସ୍ୱାସ୍ଥ୍ୟ କିପରି ଶିକ୍ଷା କ୍ଷେତ୍ରରେ ସାହାଯ୍ୟ କରେ ଜଣାଇଥିଲେ। ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ଦିଲ୍ଲୀପ ସାହୁ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଦୋଳ ଗୋବିନ୍ଦ ଦାଶ, ନିତାଇ ଦାସ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

## ମହୋତ୍ସବ ମାଧମରେ ସଂସ୍କୃତି, ପରମ୍ପରା ପରିପ୍ରକାଶ ହୁଏ



ଆମ ଔପଦା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିଗଣ।

**ଆମ ଔପଦା ମହୋତ୍ସବର ପ୍ରଥମ ସନ୍ଧ୍ୟା**

ଔପଦା, ୨୬।୩(ଡି.ଏନ.ଏ.)

ଭାରତର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ମହୋତ୍ସବ ଦ୍ୱାରା ପରିପ୍ରକାଶ ହୁଏ। ଆମ ଔପଦା ମହୋତ୍ସବର ପ୍ରଥମ ସନ୍ଧ୍ୟାରେ କେନ୍ଦ୍ର ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ଏକତାର ମଞ୍ଚ। ମନପ୍ରାଣରେ ଏକାଠିରେ ସ୍ୱର ଉଠିଲେ ଅଞ୍ଚଳର ବିକାଶ ସହ ଗାରିମା ପ୍ରକାଶ ପାଏ। ଅଞ୍ଚଳର ବିକାଶ ପାଇଁ ସହଯୋଗର ହାତ ବଢ଼ାଇବି ବୋଲି ମନ୍ତ୍ରୀ ଟୁଡୁ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ମହୋତ୍ସବ ଦ୍ୱାରା ଲୋକଙ୍କ ସ୍ୱର ଏକ ହୁଏ। ମା', ମାଟି ଓ ମାତୃଭାଷାକୁ କେହି ଭୁଲି ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଔପଦା ଅଞ୍ଚଳ ଉପାନ୍ତ ନୁହେଁ, ଅଞ୍ଚଳରେ ଥିବା କୀର୍ତ୍ତି ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ମହୋତ୍ସବ କମିଟି ସଭାପତି ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଉପଦେଷ୍ଟା ପିତାମ୍ବର ବାରିକ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ, ସଂସ୍କୃତ ଅଧାପକ ଦ୍ୱାରିକାନାଥ ଶତପଥୀ ବେଦପାଠ, ଉପଦେଷ୍ଟା ଶୁଭେନ୍ଦୁ ପଣ୍ଡା, ସ୍ୱାଗତ ଭାଷଣ, ମହୋତ୍ସବ କମିଟିର ସମ୍ପାଦକ ଆଦିତ୍ୟ ନାରାୟଣ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ବିଶିଷ୍ଟ କଳାକାର ଓ କଣ୍ଠଶିଳ୍ପୀ ପ୍ରତିଭାବାନ ବ୍ୟକ୍ତିଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

## 'ସୁସ୍ଥ ସମାଜ ପାଇଁ ଭଲମଣିଷର ଆବଶ୍ୟକତା ଅଛି'

**ରାମକୃଷ୍ଣ ବିଦ୍ୟା ନିକେତନର ବାର୍ଷିକୋତ୍ସବ**

ବାସୁଦେବପୁର,୨୬।୩(ଡି.ଏନ.ଏ.)

ବାସୁଦେବପୁର ସହରସ୍ଥିତ ରାମକୃଷ୍ଣ ବିଦ୍ୟା ନିକେତନର ଏକାଦଶତମ ବାର୍ଷିକ ଉତ୍ସବ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀର ମୋହନ ମହାବିଦ୍ୟାଳୟର ସେବାନିବୃତ୍ତ ଅଧକ୍ଷ ଡ. ଗିରିଶ ଚନ୍ଦ୍ର ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଉପରେ ଗୁରୁତ୍ୱ ଦେଇ ଅଧୟନ କଲେ ଜୀବନରେ ସଫଳତା ହାସଲ କରିବେ ବୋଲି ସେ କହିଥିଲେ। ସ୍ୱତନ୍ତ୍ର ବକ୍ତା ଭାବେ ଆଧାତ୍ମିକ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଉପରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଗୁରୁତ୍ୱ ଦେବା ଉଚିତ ବୋଲି ମତ ରଖିବା ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ଭଲ ମଣିଷ ହେବା ଆବଶ୍ୟକତା ଅଛି। ତେଣୁ ଛାତ୍ରୀଛାତ୍ରମାନେ ଭଲମଣିଷ ହେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୟାନିଧି ଦାଶ ଯୋଗ ଦେଇଥିଲେ। ବିଦ୍ୟା ନିକେତନର ଉପସଭାପତି ବିଜୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ଧିରେନ୍ଦ୍ର କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେବା ନିବୃତ୍ତ ପ୍ରାଧାପକ ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ଉପ ଗ୍ରନ୍ଥାଗାରିକ ରତ୍ନାକର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

